# NATIONAL NEWS BULLETIN (ODIA)

**17 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କୌଣସି ରାଜ୍ୟ କି ଦେଶର ବିକାଶ, ନାରୀଶକ୍ତିର ସହଭାଗିତା ବିନା ସମ୍ଭବ ନୁହେଁ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅଷ୍ଟମ ଭାରତ ଜଳସପ୍ତାହ ଉଦ୍‌ଘାଟନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ।

- ନୌସେନା କମାଣ୍ଡରମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ସମ୍ମିଳନୀ ନୂଆଦିଲ୍ଲୀରେ ଆରମ୍ଭ ।

ଏବଂ

- ସନ୍ତୋଷ କଶ୍ୟପ ଭାରତୀୟ ବରିଷ୍ଠ ମହିଳା ଫୁଟବଲ ଟିମ୍‌ର ପ୍ରଶିକ୍ଷକ ନିଯୁକ୍ତ ।

---

## ପିଏମ୍ ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କୌଣସି ରାଜ୍ୟ କି ଦେଶ ସେତେବେଳେ ବିକାଶ ପଥରେ ଅଗ୍ରସର ହୋଇଥାଏ ଯେତେବେଳେ ତା'ର ନାରୀଶକ୍ତିକୁ ପ୍ରତ୍ୟେକ କାର୍ଯ୍ୟରେ ସମାନ ଭାଗ ମିଳିଥାଏ । ଆଜି

ଓଡ଼ିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସଭାକୁ ଉଦ୍‌ବୋଧନ ଦେବା ଅବସରରେ ଏହା କହିଛନ୍ତି । ରାଜ୍ୟ ସରକାରଙ୍କ ବହୁ ପ୍ରତିକ୍ଷିତ ସୁଭଦ୍ରା ଯୋଜନାର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି । ପ୍ରତ୍ୟେକବର୍ଷ ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ଆଧାର ସଂଯୋଗୀକୃତ ବ୍ୟାଙ୍କଖାତାକୁ ଡିବିଟି ଜରିଆରେ ୧୦ହଜାର ଟଙ୍କା ଲେଖାଏଁ ପଠାଯିବ । ଆଜି ପ୍ରଥମ ପର୍ଯ୍ୟାୟରେ ୨୫ଲକ୍ଷରୁ ଅଧିକ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୧ହଜାର ୨୫୦ କୋଟି ଟଙ୍କାରୁ ଅଧିକ ଅର୍ଥ ହସ୍ତାନ୍ତର କରାଯାଇଛି । ପ୍ରଧାନମନ୍ତ୍ରୀ ସମ୍ବୋଧିତ କରି କହିଛନ୍ତି...**V/o-**

ଏହି ଅବସରରେ ପ୍ରଧାନମନ୍ତ୍ରୀ ୨ହଜାର ୮୦୦ କୋଟିରୁ ଅଧିକ ଟଙ୍କାର ରେଳପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବା ସହ ଏକହଜାର କୋଟିରୁ ଅଧିକ ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୧୦ଲକ୍ଷ ହିତାଧିକାରୀଙ୍କୁ ପିଏମ୍ ଗ୍ରାମୀଣ ଆବାସ ଯୋଜନାରେ ୩ହଜାର ୧୮୦ କୋଟି ଟଙ୍କାର ପ୍ରଥମ କିସ୍ତୀ ହସ୍ତାନ୍ତର କରିଛନ୍ତି । ଶ୍ରୀ ମୋଦୀ ଆବାସ ପ୍ଲସ୍ ୨୦୨୪ ମୋବାଇଲ ଆପ୍‌ର ମଧ୍ୟ ଶୁଭାରମ୍ଭ କରିଛନ୍ତି ।

## ରାଷ୍ଟ୍ରପତି-ଜଳସପ୍ତାହ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅଷ୍ଟମ ଭାରତ ଜଳସପ୍ତାହ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି

କହିଛନ୍ତି ଆଜାଦି କା ଅମୃତ ମହୋତ୍ସବ କାଳରେ ଅନେକଗୁଡ଼ିଏ ପୋଖରୀ ଏବଂ ଜଳଭଣ୍ଡାରକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଭାରତର ପ୍ରାଚୀନ ଧର୍ମଗ୍ରନ୍ଥଗୁଡ଼ିକରେ ହଜାର ବର୍ଷ ପୂର୍ବେ ଜଳ ସଂରକ୍ଷଣ ବିଷୟରେ ଲେଖାଯାଇଛି । ଏହି ୪ଦିନିଆ କାର୍ଯ୍ୟକ୍ରମ ସମୟରେ ୪୦ଟି ଦେଶର ୨୦୦ ବିଦେଶୀ ପ୍ରତିନିଧିଙ୍କ ସହ ପ୍ରାୟ ୪ହଜାର ପ୍ରତିନିଧି ସାମିଲ ହେବେ । ଅନେକଗୁଡ଼ିଏ ପ୍ରଦର୍ଶକ ଏବଂ ଷ୍ଟାର୍ଟଅପ୍ ନିଜନିଜର ବିଚାରଧାରା ପ୍ରଦର୍ଶନ କରିବେ ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆଜି ୭୪ତମ ଜନ୍ମଦିବସ । ୧୯୫୦ ମସିହା ସେପ୍ଟେମ୍ବର ୧୭ରେ ଜନ୍ମ ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି । ଏହା ପୂର୍ବରୁ ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ଶ୍ରୀ ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଶ୍ରୀ ମୋଦୀ ନିଜ ବ୍ୟକ୍ତିତ୍ୱ ଏବଂ କୃତୀତ୍ୱ ବଳରେ ଦେଶର ସମୃଦ୍ଧି ଓ ପ୍ରତିଷ୍ଠା ବୃଦ୍ଧି କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଭିନବ ଉଦ୍ୟମ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମାର୍ଗ ପ୍ରଶସ୍ତ

କରିବ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ରୀ ମୋଦୀଙ୍କ ସୁସ୍ଥ ଏବଂ ସୁଖମୟ ଜୀବନ କାମନା କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୋଦୀଙ୍କୁ ଦୁଇଦଶନ୍ଧିରୁ ଅଧିକ ସମୟ ଧରି ଦେଶର ବିକାଶ ସହ ସାଂସ୍କୃତିକ ମୂଲ୍ୟବୋଧକୁ ପରିଚିତ କରାଇପାରିଛନ୍ତି ବୋଲି କହିଛନ୍ତି । ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିରାମୟ ଜୀବନ କାମନା କରିଛନ୍ତି ।

## ପଶ୍ଚିମବଙ୍ଗ-ଆର୍‌ଜିକର

ପଶ୍ଚିମବଙ୍ଗ ଆର୍‌ଜିକର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୋଲକାତାର ଅନେକ ସ୍ଥାନରେ ଚଢ଼ଉ ଜାରି ରଖିଛି । ତୃଣମୂଳ କଂଗ୍ରେସର ବିଧାୟକ ଏବଂ ଆର୍‌ଜିକର ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ସୁଦୀପ୍ତୋ ରାୟଙ୍କ ଘର ଏବଂ ନର୍ସିଂହୋମ୍ ତଥା ହାଓଡା ଏବଂ ହୁଗୁଳି ଜିଲ୍ଲାର ଅନେକ ସ୍ଥାନରେ ତଲାସୀ ଅଭିଯାନ ଜାରି ରହିଛି ।

## ଶାହା ୧୦୦ ଡେଜ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ନରେନ୍ଦ୍ର ମୋଦୀଙ୍କ ସରକାର ଦେଶର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ସହ ସୁରକ୍ଷିତ ଭାରତ ନିର୍ମାଣ କରିଛନ୍ତି । ଶ୍ରୀ ଶାହା କହିଛନ୍ତି ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳର

ପ୍ରଥମ ୧୦୦ଦିନ ପୂରଣ ହୋଇଛି । ଏହି ଅବସରରେ ଏକ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି ସରକାର ଗତ ୧୦ବର୍ଷରେ ଦେଶର ବିକାଶ ଲାଗି ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ସେ କହିଛନ୍ତି ପ୍ରଥମ ୧୦୦ ଦିନରେ ୧୫ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଶ୍ରୀ ଶାହା କହିଛନ୍ତି ଗତ ୧୦୦ ଦିନ ମଧ୍ୟରେ କେନ୍ଦ୍ର ସରକାର ୩ଲକ୍ଷ କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକ ଘୋଷଣା କରିବା ସହ ସେଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇଛି ।

ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଶିକ୍ଷାନୀତି ଆରମ୍ଭ ହୋଇଛି ଯେଉଁଥିରେ ପୁରୁଣା ଶିକ୍ଷା ପ୍ରଣାଳୀ ଏବଂ ଆଧୁନିକ ଶିକ୍ଷାକୁ ମିଶ୍ରଣ କରାଯାଇ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ନିମନ୍ତେ ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି ସରକାର ମେକ୍ ଇନ୍ ଇଣ୍ଡିଆ ଅଧୀନରେ ଭାରତକୁ ବିଶ୍ୱର ଉତ୍ପାଦନ କେନ୍ଦ୍ର ଭାବରେ ଗଢ଼ି ତୋଳିଛନ୍ତି । ସେ କହିଛନ୍ତି ଆଜି ବିଶ୍ୱର ଅନେକ ଦେଶ ଭାରତର ଡିଜିଟାଲ ଇଣ୍ଡିଆ ଯୋଜନାକୁ ସେମାନଙ୍କ ଦେଶରେ ଲାଗୁ କରିବାକୁ ପ୍ରସ୍ତାବ ରଖିଛନ୍ତି ।

ସୂଚନା ଅନୁଯାୟୀ ଏହି ପ୍ରଥମ ୧୦୦ ଦିନ ମଧ୍ୟରେ ମୋଦୀ ସରକାରଙ୍କ ପକ୍ଷରୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ନେଇ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ୧୦୦ ଦିନ ମଧ୍ୟରେ କେନ୍ଦ୍ର ସରକାର ବିଭିନ୍ନ ପ୍ରକଳ୍ପ ଓ ଯୋଜନା ଗୁଡ଼ିକରେ ୧୫ଲକ୍ଷ କୋଟି ଟଙ୍କା ନିବେଶ କରିଛନ୍ତି । କୃଷି ଏବଂ ବିନିର୍ମାଣ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଛି । ଗରିବ, ମଧ୍ୟବିତ୍ତ, ଦଳିତ, ବଞ୍ଚିତ, ଆଦିବାସୀ, ମହିଳା

ଏବଂ ଯୁବପିଢ଼ିଙ୍କ ଜୀବନଶୈଳୀକୁ ସହଜ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଦୂରଦୃଷ୍ଟି ସମ୍ପନ୍ନ ନାଗରୀକ କେନ୍ଦ୍ରିତ ଯୋଜନା ଗୁଡ଼ିକ ଲାଗୁ କରାଯାଇଛି । ସାମାଜିକ ସଂସ୍କାର ଓ ମଧ୍ୟବିତମାନଙ୍କୁ ସଶକ୍ତ କରିବା ସହ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

## ପିଏମ୍-ବିଶ୍ୱକର୍ମା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱକର୍ମା ଜୟନ୍ତୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ସେ ନିର୍ମାଣ କ୍ଷେତ୍ର ସହ ଜଡ଼ିତ ସମସ୍ତ କୁଶଳୀ ଏବଂ ପରିଶ୍ରମି ଲୋକମାନଙ୍କୁ ପ୍ରଣାମ ଜଣାଉଛନ୍ତି । ବିକଶିତ ଏବଂ ଆତ୍ମନିର୍ଭର ଭାରତ ସଂକଳ୍ପକୁ ସଫଳ କରିବା ନିମନ୍ତେ କୁଶଳୀ ଶ୍ରମିକମାନଙ୍କ ଯୋଗଦାନ ଅଦ୍ୱିତୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ନୌସେନା-କମାଣ୍ଡର ସମ୍ମିଳନୀ

ନୌସେନା କମାଣ୍ଡର ମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ସମ୍ମିଳନୀ ଆଜି ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । ଏହି ଦ୍ୱିବାର୍ଷିକ ସମ୍ମିଳନୀରେ ନୌସେନା କମାଣ୍ଡରମାନଙ୍କ ମଧ୍ୟରେ ରଣନୀତି କୌଶଳ, କାର୍ଯ୍ୟପନ୍ଥା ଓ ପ୍ରଶାସନିକ ବିଷୟ ଉପରେ ବିଚାର ଆଲୋଚନା ଲାଗି ସୁଯୋଗ ପ୍ରଦାନ କରୁଛି । ଏହି

ସମ୍ମିଳନୀ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଜଟିଳ ସାମୁଦ୍ରିକ ସୁରକ୍ଷା ସ୍ଥିତି ଏବଂ ଭୌଗୋଳିକ ରାଜନୀତି ଓ ରଣନୀତି ଆଦି ବିଷୟ ଉପରେ ଆଲୋଚନା ହେବ । ଏହି ସମ୍ମିଳନୀ ଭାରତୀୟ ନୌସେନାର ଭବିଷ୍ୟତକୁ ସ୍ୱରୂପ ପ୍ରଦାନ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏହି ସମ୍ମିଳନୀ ଭାରତୀୟ ସେନା ଏବଂ ବାୟୁସେନାର ପ୍ରମୁଖ ତଥା ପ୍ରତିରକ୍ଷା ମୁଖ୍ୟଙ୍କ ମଧ୍ୟରେ ସହଯୋଗ ବୃଦ୍ଧିକୁ ଆହୁରି ଦୃଢ଼ କରିବ । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ନୌସେନା ଦେଖାଦେଉଥିବା ପ୍ରତିବନ୍ଧକ ଗୁଡ଼ିକର ମୁକାବିଲା କରିବା ସହ ହିନ୍ଦ୍ ମହାସାଗର କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା ଗୁଡ଼ିକର ମଧ୍ୟ ଉଚିତ୍ ମୁକାବିଲା କରିଛି । ଏହି ସମ୍ମିଳନୀରେ ଆସନ୍ତା ୨୦୪୭ ସୁଦ୍ଧା ପୂର୍ଣ୍ଣ ଆତ୍ମନିର୍ଭରତା ହାସଲ ନିମନ୍ତେ ମେକ୍ ଇନ୍ ଇଣ୍ଡିଆ ଅଧୀନରେ ସ୍ୱଦେଶୀ ଉତ୍ପାଦନ ଉପରେ ସମୀକ୍ଷା କରାଯିବ ।

## ଫୁଟବଲ

ସର୍ବଭାରତୀୟ ଫୁଟବଲ ମହାସଂଘ ସନ୍ତୋଷ କଶ୍ୟପଙ୍କୁ ଜାତୀୟ ବରିଷ୍ଠ ମହିଳା ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରିଛନ୍ତି ।  ଶ୍ରୀ କଶ୍ୟପଙ୍କ ସହିତ ପ୍ରିୟା ପି.ବି. ସହାୟକ ପ୍ରଶିକ୍ଷକ ଏବଂ ରଘୁବୀର ପ୍ରବୀଣ ଖାନୋଲକର ଗୋଲକିପର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବେ । ଆସନ୍ତା ଅକ୍ଟୋବର

୧୭ରୁ ୩୦ ପର୍ଯ୍ୟନ୍ତ ନେପାଳର କାଠମାଣ୍ଡୁରେ ଆୟୋଜିତ ହେବାକୁ ଥିବା ଦକ୍ଷିଣ ଏସିଆ ଫୁଟବଲ୍ ମହାସଂଘ ଚାମ୍ପିୟନ୍‌ସିପ୍‌ରେ ଶ୍ରୀ କଶ୍ୟପଙ୍କ ପ୍ରଶିକ୍ଷଣରେ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ । ଚଳିତ ମାସ ୨୦ ତାରିଖରୁ ଚାମ୍ପିୟନ୍‌ସିପ୍ ଲାଗି ୨୯ ସଦସ୍ୟ ବିଶିଷ୍ଟ ଭାରତୀୟ ଦଳ ପ୍ରଶିକ୍ଷଣ ଆରମ୍ଭ କରିବ ।

## ବ୍ୟାଡମିଣ୍ଟନ-ଚାଇନା ଓପନ

ଚାଙ୍ଗଝାଉରେ ଚାଲିଥିବା ଚାଇନା ଓପନ ବ୍ୟାଡମିଣ୍ଟନ ୨୦୨୪ ଅନ୍ତର୍ଗତ ବି.ଡବ୍ଲ୍ୟୁ.ଏଫ୍ ସୁପର ୧୦୦୦ ବର୍ଗରେ ପ୍ରିୟାଂଶୁ ରଜାବତ ଓପ୍‌ନିଂ ରାଉଣ୍ଡରେ ପରାସ୍ତ ହୋଇଛନ୍ତି । କାନାଡ଼ାର ବ୍ରାଏନ ୟାଙ୍ଗ, ପ୍ରିୟାଂଶୁଙ୍କୁ ସିଧା ସେଟ୍‌ରେ ପରାସ୍ତ କରିଛନ୍ତି । ଅନ୍ୟଏକ ପ୍ରତିଯୋଗିତାରେ କିରନ ଜର୍ଜ୍ ଆସନ୍ତାକାଲି ଜାପାନର କେଣ୍ଟା ନିଶିମୋତୋଙ୍କ ସହ ଓପ୍‌ନିଂ ପର୍ଯ୍ୟାୟ ମ୍ୟାଚ୍ ଖେଳିବେ । ମହିଳା ସିଙ୍ଗଲ୍ସରେ ଆକର୍ଷି କଶ୍ୟପ, ମାଳବିକା ବନ୍‌ସୋଡ, ସାମିଆ ଇମାଦ୍ ଫାରୁକି ମ୍ୟାଚ୍ ଖେଳିବେ । ସାମିଆ ସ୍କଟଲ୍ୟାଣ୍ଡର ଖେଳାଳିଙ୍କ ସହ ପ୍ରଥମ ରାଉଣ୍ଡ ଖେଳିବାକୁ ଥିବାବେଳେ ଆକର୍ଷି ଚୀନ୍‌ର ଚିଉପିନ ଚ୍ୟାନ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ । ମହିଳା ଡବଲ୍ସ ବର୍ଗରେ ଗାୟତ୍ରୀ ଗୋପୀଚାନ୍ଦ ଏବଂ ତ୍ରିଶା ଜୋଲି ଆସନ୍ତାକାଲି ଚୀନ୍‌ର ଖେଳାଳିଙ୍କ ସହ ମ୍ୟାଚ୍ ଖେଳିବେ । ସେହିପରି ଋତାପର୍ଣ୍ଣା ଏବଂ ଶ୍ୱେତାପର୍ଣ୍ଣା ଚୀନ୍ ତାଇପେଇର ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ପୁରୁଷ ମିକ୍ସଡ ଡବ୍‌ଲ୍ସରେ ଭାରତର ଏନ୍. ସିକିରେଡ୍ଡି ଓ ବି. ସୁମିତ ରେଡ୍ଡି ମାଲେସିଆର ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଭାରତୀୟ ଯୋଡ଼ି ସତୀଶ କୁମାର କରୁଣାକରନ ଓ ଆଦ୍ୟା ବେରିୟାତ୍ ମାଲେସିଆର ଯୋଡ଼ିଙ୍କ ସହ ମୁକାବିଲା କରିବେ । ଏହି ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଶେଷ ହେବ ।